# ଆଜି ଅନୁଗୋଳରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ।

# ପଜିଟିଭ ସଂଖ୍ୟା ପହଞ୍ଚିଲା ୨୪୫ ରେ ।

ଆଜି ଅନୁଗୋଳ ଜିଲ୍ଲାରୁ ୧୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବଣ୍ଡଁରପାଳ ବ୍ଲକ୍ ସ୍ଥିତ ଏକ ଶିଳ୍ପାଂଚଳରୁ ୫ ଜଣ, ଅନୁଗୋଳ ପୌରାଂଚଳରୁ ୫ ଜଣ ଓ ଅନୁଗୋଳ ବ୍ଲକ୍ ଅଂଚଳରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବଣ୍ଡଁରପାଳ ବ୍ଲକ୍ ଅଂଚଳର ଶିଳ୍ପାଂଚଳରୁ ବାହାରିଥିବା ଆକ୍ରାନ୍ତଂକ ମଧ୍ୟରୁ ୪ ଜଣ ପୁରୁଷ ଓ ଜଣେ ମହିଳା ଅଟନ୍ତି । ପୁରୁଷମାନଂକ ବୟସ ଯଥାକ୍ରମେ ୫୬,୪୪,୬୭ ଓ ୫୭ ବର୍ଷ ହୋଇଥିବା ବେଳେ ମହିଳାଂକ ବୟସ ୪୭ ବର୍ଷ ଓ ଏମାନେ ସମସ୍ତେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଆଣ୍ଟିଜେନ ଟେଷ୍ଟ କରାଯାଇ ଅନୁଗୋଳ ପୌରାଂଚଳର ୫ ଜଣ କରୋନା ପଜିଟିଭଂକୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ଜଣେ ମହିଳା ଓ ୪ ଜଣ ପୁରୁଷ ଅଟନ୍ତି । ମହିଳାଂକର ବୟସ ୪୮ ବର୍ଷ ହୋଇଥିବାବେଳେ ପୁରୁଷମାନଂକ ବୟସ ଯଥାକ୍ରମେ ୫୫,୪୧,୪୨ ଓ ୪୫ ବର୍ଷ ଅଟେ । ସେହିପରି ଅନୁଗୋଳ ବ୍ଲକ୍ ଅଂଚଳର ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ଜଣେ ୪୦ ବର୍ଷୀୟା ମହିଳା ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଥିବାବେଳେ ଅନ୍ୟ ଜଣେ ୩୧ ବର୍ଷୀୟ ପୁରୁଷ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୧୨ଜଣ ଆକ୍ରାନ୍ତଂକ ମଧ୍ୟରୁ ୧୧ ଜଣଂକୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆକ୍ରାନ୍ତ ଚିହ୍ନଟ ହୋଇଥିବା ଅଂଚଳକୁ ବିଶୋଧନ କରାଯିବା ସହ କଣ୍ଟ୍ରାକ୍ଟ ଟ୍ରେସିଂ କାର୍ଯ୍ୟ ଚାଲୁ ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହି ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୨୪୫ ରେ ପହଂଚିଲା । ଇତିମଧ୍ୟରେ ୯ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରିକ୍ଷଣ ନିମନ୍ତେ ଯାଇଛନ୍ତି । ପୂର୍ବରୁ ସୁସ୍ଥ ହେଇଥିବା ୧୩୮କୁ ମିଶାଇ ସମୁଦାୟ ସୁସ୍ଥଂକ ସଂଖ୍ୟା ୧୪୭ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୮୨ ତା.୨୩.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୩/୭/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।